ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

News ID-IPR/Revenue and DM (OD)/203/13-02-2024

# ବିପର୍ଯ୍ୟୟଜନିତ ସହାୟତା ତଦାରଖ ଓ କ୍ଷତିପୂରଣ ପ୍ରଦାନ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଓଡ଼ିଶାକୁ ସମ୍ମାନଜନକ 'ସ୍କଚ୍' ପୁରସ୍କାର

ଭୁବନେଶ୍ୱର, ୧୩/୦୨/୨୦୨୪

ବିପର୍ଯ୍ୟୟଜନିତ ସହାୟତା ତଦାରଖ ଓ କ୍ଷତିପୂରଣ ପ୍ରଦାନ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ସ୍ୱତନ୍ତ୍ର ରିଲିଫ୍ କମିଶନର ଗ୍ରହଣ କରିଛନ୍ତି ସମ୍ମାନଜନକ 'ସ୍କଚ୍' ପୁରସ୍କାର । ଏଠାରେ ସୂଚନାଯୋଗ୍ୟ ଯେ ପୂର୍ବରୁ ବିପର୍ଯ୍ୟୟଜନିତ ଅନୁକମ୍ପାମୂଳକ ରାଶି ପ୍ରଦାନ କ୍ଷେତ୍ରରେ ବିଳମ୍ବ ଘଟୁଥିବାବେଳେ ଏବେ ସରକାରଙ୍କ ପକ୍ଷରୁ ଏହି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରକ୍ରିୟା ଆରମ୍ଭ କରାଯାଇଥିଲା । ବିପର୍ଯ୍ୟୟ ସହାୟତା ତଦାରଖ ଓ କ୍ଷତିପୂରଣ [Disaster Assistance Monitoring and Payment System(DAMPS)] ପଦ୍ଧତି ୧୦ ଜୁନ ୨୦୨୦ ମସିହାଠାରୁ ଲାଗୁ କରାଯାଇଥିଲା । ଏହି ଡିଜିଟାଲ ପ୍ଲାଟ୍‌ଫର୍ମରେ ଅନ୍‌ଲାଇନ୍ ମାଧ୍ୟମରେ ଖୁବ୍ କମ୍ ସମୟରେ ଅନୁକମ୍ପାମୂଳକ ରାଶି ପ୍ରଦାନ ଶୀଘ୍ର ସଂପନ୍ନ ହେଉଛି । ଏବେ ବିନା କାଗଜକଲମରେ ଏହି କାର୍ଯ୍ୟ ସମ୍ଭବ ହୋଇପାରୁଛି । ବିପର୍ଯ୍ୟୟଜନିତ ଜୀବନହାନି କ୍ଷେତ୍ରରେ ପ୍ରାଥମିକ ପର୍ଯ୍ୟାୟରେ ଏଫ୍‌ଆଇଆର୍ ଦାଖଲ କରିବାଠାରୁ ବ୍ୟାଙ୍କ ଆକାଉଣ୍ଟ ଜରିଆରେ ପୂର୍ବରୁ ଅନୁକମ୍ପାମୂଳକ ଦେୟ ମିଳିବା ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ତଳୁ ଉପର ପର୍ଯ୍ୟନ୍ତ କାଗଜକଲମରେ ହେଉଥିଲା । ଡିଏଏମ୍‌ପିଏସ୍‌ରେ ବୈଷୟିକ ଜ୍ଞାନକୌଶଳର ବ୍ୟବହାର ଯୋଗୁ ଏବେ ଏହା ସହଜ ଓ ସରଳ ହୋଇପାରିଛି ।

ଏହି ଡିଏଏମ୍‌ପିଏସ୍ ବ୍ୟବସ୍ଥା ଭୁବନେଶ୍ୱର ଜାତୀୟ ସୂଚନା ବିଜ୍ଞାନ କେନ୍ଦ୍ରର ବୈଷୟିକ ସହାୟତାରେ ପ୍ରସ୍ତୁତ କରାଯାଇଛି । ଏହା ଦ୍ୱାରା ସ୍ୱଚ୍ଛତାର ସହ ପ୍ରଶାସନିକ ସ୍ତରରେ ସହାୟତା ବ୍ୟବସ୍ଥା ତଦାରଖ କରିବା ମଧ୍ୟ ସୁବିଧାଜନକ ହୋଇପାରୁଛି । ଏଥିରେ ସଠିକ୍ ସମୟରେ ସହଜ ଭାବେ ହିତାଧିକାରୀଙ୍କ ନିକଟରେ ସହାୟତା ରାଶି ପହଞ୍ଚିପାରୁଛି । ସହାୟତା ପ୍ରଦାନରେ ଶତପ୍ରତିଶତ ସ୍ୱଚ୍ଛତା ବଜାୟ ରହୁଛି । ଇ-ଗଭର୍ଣ୍ଣାନ୍ସ ମଧ୍ୟରେ ଏଥି ସହ ସଂପୃକ୍ତ ବିଭାଗର କାର୍ଯ୍ୟଭାର ହ୍ରାସ ପାଉଛି ଓ ସମୟ ବଞ୍ଚୁଛି । ଏଥିରେ ହିତାଧିକାରୀଙ୍କ ପାଖକୁ ସହାୟତା ସିଧାସଳଖ ପହଞ୍ଚାଇ ଦିଆଯାଉଛି । ଅନ୍ୟ ପକ୍ଷରେ କ୍ଷେତ୍ରୀୟ ସ୍ତରରେ ତହସିଲଦାର, ଉପଜିଲ୍ଲାପାଳ ଓ ଜିଲ୍ଲାପାଳମାନଙ୍କ ଭଳି ଅଧିକାରୀମାନଙ୍କ ଉପରୁ ଅଯଥା ବୋଝ ହ୍ରାସ ପାଇଛି ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ସ୍ୱତନ୍ତ୍ର ରିଲିଫ୍ କମିଶନର ଶ୍ରୀ ସତ୍ୟବ୍ରତ ସାହୁଙ୍କ ପକ୍ଷରୁ ଅତିରିକ୍ତ ସ୍ୱତନ୍ତ୍ର ରିଲିଫ୍ କମିଶନର ଶ୍ରୀ ପଦ୍ମନାଭ ବେହେରା ଓ ଉପସଚିବ ଶ୍ରୀ ବିଶ୍ୱନାଥ ସାହୁ ୨୦୨୩ ମସିହା ପାଇଁ ଏହି ମର୍ଯ୍ୟାଦାଜନକ 'ସ୍କଚ୍' ପୁରସ୍କାର ନୂଆଦିଲ୍ଲୀଠାରେ ଗ୍ରହଣ କରିଛନ୍ତି । ଏହି ଅବସରରେ ଏସ୍‌ଆର୍‌ସି ଶ୍ରୀ ସାହୁ କହିଛନ୍ତି ଯେ ଏହି ଡିଏଏମ୍‌ପିଏସ୍ ଯୋଜନା ହେଉଛି ମୁଖ୍ୟ ଶାସନ ସଚିବ ଶ୍ରୀ ପ୍ରଦୀପ କୁମାର ଜେନାଙ୍କ ବହୁ ଆକାଂକ୍ଷିତ ପ୍ରକଳ୍ପ ଓ ଏଥି ସହ ଜଡ଼ିତ ସମସ୍ତ ସହଯୋଗୀଙ୍କୁ ଏହି ଯୋଜନାର ସଫଳତାରେ ଭାଗୀଦାର ବୋଲି ଅଭିହିତ କରିଛନ୍ତି ।

ବିଭୂତି ନାୟକ
ସୂଚନା ଅଧିକାରୀ